# ନିୟନ୍ତ୍ରିତ ବଜାର କମିଟି କେନ୍ଦୁଝରଙ୍କ କାର୍ଯ୍ୟାଳୟ

ସା-ବନବିହାରୀପଦା, ପୋ-ପୁରୁଣା ବଜାର, ଜିଲ୍ଲା-କେନ୍ଦୁଝର(ଓଡିଶା)-୭୫୮୦୦୨

ବିଜ୍ଞାପନ ସଂଖ୍ୟା.୩୬୪/ତା. ୦୭/୦୪/୨୦୨୧

ଏତଦ୍ ଦ୍ୱାରା ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର-ତଥା- ସଦର ଉପଖଣ୍ଡ ଅଞ୍ଚଳର ସମସ୍ତ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷି ଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏବଂ ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, କେନ୍ଦୁଝରଗଡ ନୂତନ ବଜାର ପ୍ରାଙ୍ଗଣ(କୃଷକ ବଜାର)ର ପ୍ରଥମ ମହଲାର ୮(ଆଠ)ଗୋଟି ଦୋକାନ ଗୃହ ଏବଂ ହରିଚନ୍ଦନପୁର ଭେଣ୍ଡିଙ୍ଗ ଜୋନ୍‌ର ୧୪(ଚଉଦ)ଗୋଟି ଦୋକାନ ଗୃହ ନିମ୍ନଲିଖିତ ସର୍ତ୍ତାବଳୀ ମୁତାବକ ଭଡା ସୂତ୍ରରେ ଆବଣ୍ଟନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ଏଣୁ ଯେଉଁ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ, କୃଷି ଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଓ ସର୍ବସାଧାରଣମାନେ କେନ୍ଦୁଝରଗଡ ନୂତନ ବଜାର ପ୍ରାଙ୍ଗଣ(କୃଷକ ବଜାର) ଓ ହରିଚନ୍ଦନପୁର ଭେଣ୍ଡିଙ୍ଗ ଜୋନ୍‌ରରେ କୃଷିଜାତ ଦ୍ରବ୍ୟ, କୃଷି ଭିତ୍ତିକ ଦ୍ରବ୍ୟ ଓ ବିଭିନ୍ନ ପ୍ରକାରର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ(**ସାର, ଲୁଣ, ଶୁଖୁଆ, ନିଶାଦ୍ରବ୍ୟ ବ୍ୟତୀତ**) ବ୍ୟବସାୟ କରିବାକୁ ଇଚ୍ଛୁକ ଅଟନ୍ତି, ସେମାନେ ସଂପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରଙ୍କ କାର୍ଯ୍ୟାଳୟର ଠିକଣାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ମୁଦ୍ରା ଲଫାପାରେ ରେଜେଷ୍ଟ୍ରି ଡାକ/କ୍ଷିପ୍ର ଡାକ ମାଧ୍ୟମରେ ଆବେଦନ କରିପାରିବେ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ତା.୨୮.୦୪.୨୦୨୧ରିଖ ଅପରାହ୍ନ ଘ.୫.୩୦ଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ କିମ୍ବା ଡାକ ଜନିତ ବିଳମ୍ବ ପାଇଁ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର ଦାୟୀ ରହିବେ ନାହିଁ । କେନ୍ଦୁଝରଗଡ ନୂତନ ବଜାର ପ୍ରାଙ୍ଗଣ(କୃଷକ ବଜାର) ଓ ହରିଚନ୍ଦନପୁର ଭେଣ୍ଡିଙ୍ଗ ଜୋନ୍‌ର ଦରଖାସ୍ତ ଫର୍ମ ଗୁଡିକୁ ଯଥାକ୍ରମେ ତା.୨୯.୦୪.୨୦୨୧ରିଖ ଓ ତା.୩୦.୦୪.୨୦୨୧ରିଖ ପୂର୍ବାହ୍ନ ଘ.୦୯.୦୦ ଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରର କାର୍ଯ୍ୟାଳୟ ଠାରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତିଙ୍କ ସମ୍ମୁଖରେ ଖୋଲାଯିବ । **ପ୍ରକାଶ ଥାଉକି ଲଫାପା ଉପରେ କେନ୍ଦୁଝରଗଡ କୃଷକ ବଜାର ଦୋକାନ ଗୃହ ପାଇଁ ଆବେଦନ ପତ୍ର କିମ୍ବା ହରିଚନ୍ଦନପୁର ଭେଣ୍ଡିଙ୍ଗ ଜୋନ୍ ଦୋକାନ ଗୃହ ପାଇଁ ଆବେଦନ ପତ୍ର ଲେଖିବା ଜରୁରୀ ଅଟେ** । ଆବଣ୍ଟନ ପାଇଁ ସଂପୂର୍ଣ୍ଣ ସର୍ତ୍ତାବଳୀ **http://keonjhar.nic.in** ୱେବସାଇଟ୍‌ରୁ ଡାଉନ୍‌ଲୋଡ କରିପାରିବେ ।

## କେନ୍ଦୁଝରଗଡ ନୂତନ ବଜାର ପ୍ରାଙ୍ଗଣ(କୃଷକ ବଜାର) ଦୋକାନଗୃହ ଗୁଡିକର ଆବଣ୍ଟନ ପାଇଁ ସର୍ତ୍ତାବଳୀ

୧- ଆବେଦନକାରୀ ସଦର ଉପଖଣ୍ଡ, କେନ୍ଦୁଝର ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୨- ଗୋଟିଏ ପରିବାରରୁ କେବଳ ଜଣେ ଗୋଟିଏ ଦୋକାନ ଗୃହ ପାଇଁ ଆବେଦନ କରିବେ , ଅନ୍ୟଥା ଆବେଦନ ପତ୍ର ଗୁଡିକୁ ନାକଚ କରାଯିବ ।

୩- କେନ୍ଦୁଝରଗଡ ନୂତନ ବଜାର ପ୍ରାଙ୍ଗଣ(କୃଷକ ବଜାର) ବିପଣନ ସୌଧର ପ୍ରଥମ ମହଲା ଦୋକାନ ଘରର ପ୍ରତି ବର୍ଗଫୁଟକୁ ସର୍ବନିମ୍ନ ମାସିକଭଡା ଟ.୧୦/-(ଦଶ ଟଙ୍କା) ମାତ୍ର ଓ ଅମାନତ ଟ.୫୦,୦୦୦/-(ପଚାଶ ହଜାର ଟଙ୍କା)ମାତ୍ର ଧାର୍ଯ୍ୟ କରାଯାଇଅଛି ।

୪- ଉକ୍ତ ଦୋକାନ ଘର ଗୁଡିକୁ ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରାଯିବ । ସର୍ବୋଚ୍ଚ ଟେଣ୍ଡର କର୍ତ୍ତା ଦୋକାନ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।

୫- ଉକ୍ତ ବିପଣନ ସୌଧର ଦୋକାନ ଘର ନଂ-୧,୪, ୧୨,୧୩,୨୦,୨୧,୨୪ ଏବଂ ୨୬ ଆବଣ୍ଟନ କରାଯିବ ।

୬- ଦରଖାସ୍ତ ଫର୍ମ **ଟ.୧୦୦/-(ଏକ ଶହ ଟଙ୍କା)ମାତ୍ର** ନଗଦ ଦେୟ/ବ୍ୟାଙ୍କ ଡ୍ରାଫ୍ଟ ଦାଖଲ କରି କାର୍ଯ୍ୟାଳୟ ଦିବସରେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର କାର୍ଯ୍ୟାଳୟ ଠାରୁ ପାଇ ପାରିବେ ।

୭- ଦରଖାସ୍ତ ଫର୍ମ ସହିତ ଟେଣ୍ଡର କର୍ତ୍ତାଙ୍କ ସର୍ବୋଚ୍ଚ ମୂଲ୍ୟାଙ୍କ(**Quote**) କରିଥିବା ମାସିକ ଭଡା(୨ ମାସର) **ସଂପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରଙ୍କ** ସପକ୍ଷରେ ବ୍ୟାଙ୍କ ଡ୍ରାଫଟ୍ ଆକାରରେ ଦାଖଲ କରିବେ ଏବଂ ବ୍ୟାଙ୍କ ଡ୍ରାଫ୍ଟ ବିନା ଦରଖାସ୍ତ ବିଚାରଯୋଗ୍ୟ ନୁହେଁ । ଏହା ସୁଧ ବିହୀନ ଅଟେ ।

୮- ଦରଖାସ୍ତ ଫର୍ମ ସହିତ ପରିଚୟ ପତ୍ର(**ଭୋଟର ପରିଚୟ ପତ୍ର /କିଷାନ୍ କ୍ରେଡିଟ୍ କାର୍ଡ/ବିଜୁ କୃଷକ କଲ୍ୟାଣ କାର୍ଡ/ଆଧାର କାର୍ଡ/ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରର ଟ୍ରେଡର ଲାଇସେନସ୍**) ସଂଲଗ୍ନ କରିବା ବାଧ୍ୟତା ମୂଳକ ଅଟେ ।

୯- ଯେଉଁ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ, କୃଷି ଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଓ ସର୍ବସାଧାରଣ ମାନଙ୍କୁ ଉକ୍ତ ଦୋକାନଘର ଗୁଡିକୁ ଆବଣ୍ଟନ କରାଯିବ, ସେମାନେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର ନୀତି ଓ ନିୟମ ମାନିବାକୁ ବାଧ୍ୟ ହେବେ ଏବଂ ଏ ସମ୍ବନ୍ଧୀୟ ଏକ ଚୁକ୍ତିନାମା (**Agreement Deed**)୭(ସାତ) ଦିନ ମଧ୍ୟରେ କର୍ତ୍ତୃପକ୍ଷଙ୍କ ସହିତ କରିବେ ।

୧୦- ପୂର୍ବରୁ ଆପଣଙ୍କୁ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର କାର୍ଯ୍ୟାଳୟ ତରଫରୁ ଦୋକାନଗୃହ ଆବଣ୍ଟନ ହୋଇଥିଲେ ଆପଣଙ୍କ ଆବେଦନ ପତ୍ରକୁ ନାକଚ କରାଯିବ ।

୧୧- ଦୋକାନଗୃହ ପାଇଥିବା ବ୍ୟକ୍ତି ଆବଶ୍ୟକ ଅନୁସାରେ ନିଜଖର୍ଚ୍ଚରେ ନିଜ ଦୋକାନ ଗୃହକୁ ବିଦ୍ୟୁତ୍ ସଂଯୋଗ ନେବେ ।

୧୨- ଆବେଦନକାରୀଙ୍କୁ ନିଶ୍ଚିତଭାବେ ଦୋକାନ ଘର ଦେବାକୁ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି ଏବଂ ଏଥି ନିମନ୍ତେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଏହି ବିଜ୍ଞାପନଟିକୁ ଆଂଶିକ /ସଂପୂର୍ଣ୍ଣ ରୂପାନ୍ତରିତ କରିପାରିବେ କିମ୍ବା ସମସ୍ତ ଦରଖାସ୍ତ ଗୁଡିକୁ ଅଗ୍ରାହ୍ୟ କରିପାରିବେ । ଏ ସଂକ୍ରାନ୍ତିୟ କୌଣସି ସଂଶୋଧନ(**Corrigendum**) କେବଳ **http://keonjhar.nic.in** ୱେବସାଇଟ୍‌ରେ ଉପଲବ୍ଧ ହେବ ।

**ହରିଚନ୍ଦନପୁର ଭେଣ୍ଡିଙ୍ଗ ଜୋନ୍‌ର ଦୋକାନଗୃହ ଗୁଡିକର ଆବଣ୍ଟନ ପାଇଁ ସର୍ତ୍ତାବଳୀ**

୧- ଆବେଦନକାରୀ ସଦର ଉପଖଣ୍ଡ, କେନ୍ଦୁଝର ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୨- ଗୋଟିଏ ପରିବାରରୁ କେବଳ ଜଣେ ଗୋଟିଏ ଦୋକାନ ଗୃହ ପାଇଁ ଆବେଦନ କରିବେ , ଅନ୍ୟଥା ଆବେଦନ ପତ୍ର ଗୁଡିକୁ ନାକଚ କରାଯିବ ।

୩- ହରିଚନ୍ଦନପୁର ବଜାରର ଭେଣ୍ଡିଙ୍ଗ ଜୋନ୍‌ର ପ୍ରତି ଦୋକାନ ଘର୮୦( ୧୦ X୦୮ ) ବର୍ଗଫୁଟକୁ ସର୍ବନିମ୍ନ ମାସିକଭଡା ଟ.୧,୦୦୦/-(ଏକ ହଜାର ଟଙ୍କା) ଓ ଅମାନତ ଟ.୩୦,୦୦୦/-(ତିରିଶ ହଜାର ଟଙ୍କା)ମାତ୍ର ଧାର୍ଯ୍ୟ କରାଯାଇଅଛି ।

୪- ଉକ୍ତ ଦୋକାନ ଘର ଗୁଡିକୁ ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରାଯିବ । ସର୍ବୋଚ୍ଚ ଟେଣ୍ଡର କର୍ତ୍ତା ଦୋକାନ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।

୫- ଉକ୍ତ ସ୍ଥାନରେ (**ଖାତା ନଂ-୧୬୦, ପ୍ଲଟ ନଂ-୧୫୧୫, ଏ ୦.୫୪ ଡିସିମିଲ୍**) ଭେଣ୍ଡିଙ୍ଗ ଜୋନ୍ ନିର୍ମାଣ ପୂର୍ବରୁ ଯେଉଁ କ୍ଷୁଦ୍ର ବ୍ୟବସାୟୀମାନେ ବିଭିନ୍ନ ପ୍ରକାରର ବ୍ୟବସାୟ କରୁଥିଲେ, ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଦୋକାନ ଘର ଆବଣ୍ଟନ କରାଯିବ । ଏଥି ପାଇଁ ସେମାନେ ଉକ୍ତ ସ୍ଥାନରେ ବଳ ପୂର୍ବକ ଦଖଲ(**Encroachment**) କରି ବ୍ୟବସାୟ କରୁଥିବାର ପ୍ରମାଣପତ୍ର, ହରିଚନ୍ଦନପୁର ତହସିଲଦାରଙ୍କ ଠାରେ ରୁଜୁ ହୋଇଥିବା ମାମଲାର ବିଧିବଦ୍ଧ ନକଲ ସହ ଦରଖାସ୍ତ ଫର୍ମରେ ସଂଲଗ୍ନ କରିବା ବାଧ୍ୟତା ମୂଳକ ଅଟେ ।

୬- ଉକ୍ତ ଭେଣ୍ଡିଙ୍ଗ ଜୋନ୍‌ର ଦୋକାନ ଘର ନଂ-୫,୯,୧୧,୧୨,୧୩,୧୪,୧୬,୧୭,୧୮,୨୦,୨୧,୨୨,୨୩ ଏବଂ ୨୪ ଆବଣ୍ଟନ କରାଯିବ ।

୭- ଦରଖାସ୍ତ ଫର୍ମ ଟ.୧୦୦/-(**ଏକ ଶହ ଟଙ୍କା**)ମାତ୍ର ନଗଦ ଦେୟ/ବ୍ୟାଙ୍କ ଡ୍ରାଫ୍ଟ ଦାଖଲ କରି କାର୍ଯ୍ୟାଳୟ ଦିବସରେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର କାର୍ଯ୍ୟାଳୟ ଠାରୁ ପାଇ ପାରିବେ ।

୮- ଦରଖାସ୍ତ ଫର୍ମ ସହିତ ଟେଣ୍ଡର କର୍ତ୍ତାଙ୍କ ସର୍ବୋଚ୍ଚ ମୂଲ୍ୟାଙ୍କ(**Quote**) କରିଥିବା ମାସିକ ଭଡା(୨ ମାସର) **ସଂପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରଙ୍କ** ସପକ୍ଷରେ ବ୍ୟାଙ୍କ ଡ୍ରାଫଟ୍ ଆକାରରେ ଦାଖଲ କରିବେ ଏବଂ ବ୍ୟାଙ୍କ ଡ୍ରାଫ୍ଟ ବିନା ଦରଖାସ୍ତ ବିଚାରଯୋଗ୍ୟ ନୁହେଁ । ଏହା ସୁଧ ବିହୀନ ଅଟେ ।

୯- ଦରଖାସ୍ତ ଫର୍ମ ସହିତ ପରିଚୟ ପତ୍ର(**ଭୋଟର ପରିଚୟ ପତ୍ର /କିଷାନ୍ କ୍ରେଡିଟ୍ କାର୍ଡ/ବିଜୁ କୃଷକ କଲ୍ୟାଣ କାର୍ଡ/ଆଧାର କାର୍ଡ/ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରର ଟ୍ରେଡର ଲାଇସେନସ୍**) ସଂଲଗ୍ନ କରିବା ବାଧ୍ୟତା ମୂଳକ ଅଟେ ।

୧୦- ଯେଉଁ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ, କୃଷି ଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଓ ସର୍ବସାଧାରଣ ମାନଙ୍କୁ ଉକ୍ତ ଦୋକାନଘର ଗୁଡିକୁ ଆବଣ୍ଟନ କରାଯିବ, ସେମାନେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର ନୀତି ଓ ନିୟମ ମାନିବାକୁ ବାଧ୍ୟ ହେବେ ଏବଂ ଏ ସମ୍ବନ୍ଧୀୟ ଏକ ଚୁକ୍ତିନାମା (**Agreement Deed**)୭(ସାତ) ଦିନ ମଧ୍ୟରେ କର୍ତ୍ତୃପକ୍ଷଙ୍କ ସହିତ କରିବେ ।

୧୧- ପୂର୍ବରୁ ଆପଣଙ୍କୁ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର କାର୍ଯ୍ୟାଳୟ ତରଫରୁ ଦୋକାନଗୃହ ଆବଣ୍ଟନ ହୋଇଥିଲେ ଆପଣଙ୍କ ଆବେଦନ ପତ୍ରକୁ ନାକଚ କରାଯିବ ।

୧୨- ଦୋକାନଗୃହ ପାଇଥିବା ବ୍ୟକ୍ତି ଆବଶ୍ୟକ ଅନୁସାରେ ନିଜଖର୍ଚ୍ଚରେ ନିଜ ଦୋକାନ ଗୃହକୁ ବିଦ୍ୟୁତ୍ ସଂଯୋଗ ନେବେ ।

୧୩- ଆବେଦନକାରୀଙ୍କୁ ନିଶ୍ଚିତଭାବେ ଦୋକାନ ଘର ଦେବାକୁ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି ଏବଂ ଏଥି ନିମନ୍ତେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଏହି ବିଜ୍ଞାପନଟିକୁ ଆଂଶିକ/ସଂପୂର୍ଣ୍ଣ ରୂପାନ୍ତରିତ କରିପାରିବେ କିମ୍ବା ସମସ୍ତ ଦରଖାସ୍ତ ଗୁଡିକୁ ଅଗ୍ରାହ୍ୟ କରିପାରିବେ । ଏ ସଂକ୍ରାନ୍ତିୟ କୌଣସି ସଂଶୋଧନ(**Corrigendum**) କେବଳ **http://keonjhar.nic.in** ୱେବସାଇଟ୍‌ରେ ଉପଲବ୍ଧ ହେବ ।

ଉପ-ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର